ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଓଡ଼ିଶାରେ କପଡ଼ା ଓ ପୋଷାକ ଶିଳ୍ପ ନିମନ୍ତେ ବେଙ୍ଗାଲୁରଠାରେ ବୈଠକ

ଚଳିତ ବର୍ଷ ନଭେମ୍ବର ମାସ ୩୦ଠାରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ-୨୦୨୦

## ଦେଶର ସବୁ ରାଜ୍ୟଠାରୁ ଓଡ଼ିଶାରେ କମ୍ ପୁଞ୍ଜି ବିନିଯୋଗ କରି ବାଣିଜ୍ୟ ବ୍ୟାପାର କରିବା ସହଜସାଧ

--ଶିଳ୍ପମନ୍ତ୍ରୀ କ୍ୟାପଟେନ ମିଶ୍ର

ଭୁବନେଶ୍ୱର, ୨୨ ଜାନୁଆରୀ ୨୦୨୦

ବିଗତ ଦୁଇ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଅନେକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି । କପଡ଼ା ଓ ପୋଷାକ ଶିଳ୍ପ ନିମନ୍ତେ ବହୁ ସଂଖ୍ୟାରେ ଗୁଣବତ୍ତାସମ୍ପନ୍ନ କୁଶଳୀ ଦକ୍ଷ ମାନବସମ୍ବଳ କାର୍ଯ୍ୟାବଳ ଓଡ଼ିଶାରେ ଉପଲବ୍ଧ ବୋଲି ଶିଳ୍ପ, ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପ ଗୃହ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମତବ୍ୟକ୍ତ କରିଛନ୍ତି ।

ବେଙ୍ଗାଲୁରସ୍ଥିତ ତାଜ ୱେଷ୍ଟ ଏଣ୍ଡଠାରେ ଓଡ଼ିଶା ରାଜ୍ୟ ପ୍ରତିନିଧି ମଣ୍ଡଳଗଣଙ୍କ ଦ୍ୱାରା ଆୟୋଜିତ ''ଓଡ଼ିଶାରେ କପଡ଼ା ଓ ପୋଷାକ'' ବୈଠକ ମନ୍ତ୍ରୀ ଶ୍ରୀ କ୍ୟାପଟେନ ମିଶ୍ର ଉଦ୍‌ଘାଟନ କରିଥିଲେ । ରାଜ୍ୟର ଏକ ସକ୍ରିୟ ସ୍ଥିତି, ପାରଦର୍ଶୀ ଶାସନ ବ୍ୟବସ୍ଥା, ଶିଳ୍ପ ଅନୁକୂଳ ବାତାବରଣ ରହିଲେ ଦେଶର ସବୁ ରାଜ୍ୟଠାରୁ ଓଡ଼ିଶାରେ କମ୍ ପୁଞ୍ଜି ବିନିଯୋଗ କରି ବାଣିଜ୍ୟ ବ୍ୟାପାର କରିବା ସହଜସାଧ । ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଦିଗରେ ସକରାତ୍ମକ ବାତାବରଣ ରହିଥିବା ସ୍ଥଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପୂର୍ଣ୍ଣମାତ୍ରାରେ ରହିଥିବା ଉଲ୍ଲେଖ କରି ପୁଞ୍ଜି ନିବେଶକାରୀଙ୍କୁ ମନ୍ତ୍ରୀ ଓଡ଼ିଶାରେ ନିବେଶ ପାଇଁ ନିମନ୍ତ୍ରଣ କରିଥିଲେ । ଓଡ଼ିଶାରେ କପଡ଼ା ଓ ପୋଷାକ କ୍ଷେତ୍ରରେ ରହିଥିବା ସୁବିଧା ସୁଯୋଗର ବିନିଯୋଗ ହୋଇ କିପରି ଶିଳ୍ପ କ୍ଷେତ୍ରରେ ବିକାଶ ହୋଇପାରିବ ସେଥିନେଇ ଶିଳ୍ପୋଦ୍ୟୋଗୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପ୍ରତିନିଧିମଣ୍ଡଳ ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ, ଅଟୋ, ପରିଧାନ, ଧାତୁ, ପ୍ଲାଷ୍ଟିକ୍ ଓ ପେଟ୍ରୋ ରସାୟନ, ଏୟାର ସ୍ପେସ୍ ଓ ସୁରକ୍ଷା ଆଦି ସହିତ ବିଭିନ୍ନ କ୍ଷେତ୍ରରେ ୨୦ ଗୋଟି କମ୍ପାନୀ ସହିତ ରାଜ୍ୟ ପ୍ରତିନିଧିମଣ୍ଡଳଙ୍କ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା । ବ୍ୟାପାର ବାଣିଜ୍ୟ ନିମନ୍ତେ ରାଜ୍ୟରେ ରହିଥିବା ସୁବିଧାଗୁଡ଼ିକ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି ମତ ବିନିମୟ କରିଥିଲେ । କମ୍ପାନୀମାନଙ୍କ ସକାଶେ ରାଜ୍ୟରେ ପ୍ରଦାନ କରାଯାଉଥିବା ନୀତିଗତ ଢାଞ୍ଚା ଓ ଅବସର ତଥ୍ୟଗୁଡ଼ିକ ପ୍ରତିନିଧିମଣ୍ଡଳ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ନଭେମ୍ବର ମାସ ୩୦ ତାରିଖଠାରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ-୨୦୨୦ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥିତ ଶିଳ୍ପପତିମାନଙ୍କୁ ଅବଗତ କରାଯାଇଥିଲା । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ସୂଚନା ଓ ଲୋକସମ୍ପର୍କ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ, ଇପିକଲ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନୀତିନ୍ ଜାୱାଲେ ପ୍ରତିନିଧିମଣ୍ଡଳ ଭାବେ ଯୋଗଦାନ କରିଥିଲେ ।

ଏହି ବୈଠକରେ ୨୫ରୁ ଉର୍ଦ୍ଧ୍ୱ କମ୍ପାନୀ ଅଂଶ ଗ୍ରହଣ କରିଥିଲେ । ଆଦିତ୍ୟ ବିର୍ଲା ଫେଶନ, ସାହି ଏକ୍ସପୋର୍ଟ ଓ ପେଜ୍ ଇଣ୍ଡଷ୍ଟ୍ରୀ ପ୍ରତିନିଧିଗଣ ଓଡ଼ିଶାରେ ପୁଞ୍ଜି ନିବେଶ ଦିଗରେ ନିଜର ଅନୁଭୂତି ଓ ଆଭିମୁଖ୍ୟ ସମ୍ପର୍କରେ ସଂପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ ।

ରବି ନାରାୟଣ ବେହେରା
ସୂଚନା ଅଧିକାରୀ